ପଞ୍ଜାବ ରାଜ୍ୟ ଏବଂ ଅନ୍ୟମାନେ

ବନାମ

ସ୍ୱରଣ କୌର ଏବଂ ଅନ୍ୟମାନେ

ମାର୍ଚ୍ଚ 7, 2007

[ଡ. ଅରିଜିତ ପଶାୟତ ଏବଂ ଲୋକେଶ୍ୱର ସିଂ ପଣ୍ଟା, ନ୍ୟାୟମୂର୍ତ୍ତିଦ୍ୱୟ]

*ପଞ୍ଜାବ ରାଜ୍ୟ ଚତୁର୍ଥ ଶ୍ରେଣୀ ସେବା ନିୟମାବଳୀ, 1963 - ରାଜ୍ୟ ଦ୍ୱାରା ବିଦ୍ୟାଳୟର ନିୟନ୍ତ୍ରଣ - ପଦବୀ ପାଇଁ ସମସ୍ତ କର୍ମଚାରୀ ଆବଶ୍ୟକୀୟ ଯୋଗ୍ୟତା ପୂରଣ କରୁଛନ୍ତି କି ନାହିଁ ତାହା ସୁନିଶ୍ଚିତ କରିବା ପାଇଁ ଡିପିଆଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଚିଠି ଲେଖିଥିଲେ - କର୍ତ୍ତୃପକ୍ଷଙ୍କ ମତ ଯେ ଉତ୍ତରଦାତାମାନେ ଆବଶ୍ୟକ ଯୋଗ୍ୟତା ପୂରଣ କରିନାହାଁନ୍ତି - ଉତ୍ତରଦାତାଙ୍କ ଦ୍ୱାରା ଆଜ୍ଞାଦେଶ ଅବେଦନକୁ ଉଚ୍ଚ ନ୍ୟାୟାଳୟ ଅନୁମତି ଦେଇଥିଲେ - ଅପିଲରେ, ଦର୍ଶାଯାଇଛି, ଉଚ୍ଚ ନ୍ୟାୟାଳୟ 1963 ନିୟମାବଳୀର ପ୍ରଭାବ ଏବଂ ଚିଠିରେ ଥିବା ସୂଚନା ଦର୍ଶିତ କରିନଥିଲେ - ମାମଲା ନୂତନ ବିଚାରକରିବା ପାଇଁ ଉଚ୍ଚ ନ୍ୟାୟାଳୟକୁ ପଠାଗଲା ।*

**ପଞ୍ଜାବ ରାଜ୍ୟ ଏହି ବିଦ୍ୟାଳୟକୁ ନିଜ ଅଧୀନକୁ ନେଇଥିଲେ । ସମ୍ପୃକ୍ତ ପଦବୀରେ ନିଯୁକ୍ତି ପାଇଁ ସମସ୍ତ କର୍ମଚାରୀ ଆବଶ୍ୟକୀୟ ଯୋଗ୍ୟତା ପୂରଣ କରୁଛନ୍ତି କି ନାହିଁ ତାହା ସୁନିଶ୍ଚିତ କରିବା ପାଇଁ ଡିପିଆଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଚିଠି ଲେଖିଥିଲେ । କର୍ତ୍ତୃପକ୍ଷମାନଙ୍କ ମତ ଯେ ପଞ୍ଜାବ ରାଜ୍ୟ ଚତୁର୍ଥ ଶ୍ରେଣୀ ସେବା ନିୟମାବଳୀ 1963 ଅନୁଯାୟୀ ନିଯୁକ୍ତି ପାଇଁ ଉତ୍ତରଦାତାଙ୍କ ପାଖରେ ଆବଶ୍ୟକ ଯୋଗ୍ୟତା ନଥିଲା ।**

**କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୋଣକୁ ଆପତ୍ତି କରି ଉତ୍ତରଦାତା ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ । ଅତିରିକ୍ତ ମହାଧିବକ୍ତା ସ୍ୱୀକାର କରିଥିଲେ ଯେ, ଉତ୍ତରଦାତାଙ୍କ ମାମଲାରେ ନିୟମାବଳୀ ଲାଗୁ ହେଉନଥିଲା । କିନ୍ତୁ, ଅତିରିକ୍ତ ମହାଧିବକ୍ତାଙ୍କ କୋହଳତା ଆଧାରରେ, ଉଚ୍ଚ ନ୍ୟାୟାଳୟ ଆଜ୍ଞାଦେଶ ଆବେଦନକୁ ଅନୁମତି ଦେଇଥିଲେ । ଏହି ସମୀକ୍ଷା ଆବେଦନକୁ ମଧ୍ୟ ଏହି ଆଧାରରେ ଖାରଜ କରାଯାଇଥିଲା ଯେ ଉକ୍ତ ଚିଠିରେ କୌଣସି ଅନୁମାନ ନାହିଁ ଯାହା ନିୟମାବଳୀ ପ୍ରୟୋଗକୁ ଦର୍ଶିତ କରିବ । ତେଣୁ ଏହି ଅପିଲଗୁଡ଼ିକ ।**

**ଆଂଶିକ ଭାବରେ ଅପିଲ ଅନୁମତି ଦେଇ ନ୍ୟାୟାଳୟ**

**ଦର୍ଶାଇଥିଲେ: ପଞ୍ଜାବ ରାଜ୍ୟ ଚତୁର୍ଥ ଶ୍ରେଣୀ ସେବା ନିୟମାବଳୀ 1963 ଏବଂ ଚିଠିରେ ଥିବା ପ୍ରଭାବକୁ ଉଚ୍ଚ ନ୍ୟାୟାଳୟ ବିଚାର କରିନାହାନ୍ତି । ଏହି ପରିସ୍ଥିତିରେ, ଉଚ୍ଚ ନ୍ୟାୟାଳୟର ଆଦେଶକୁ ବାତିଲ କରାଯାଇଛି ଏବଂ ଏହି ମାମଲାକୁ ନୂତନ ବିଚାର ପାଇଁ ପଠାଗଲା ।**

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 1185/2007

## ପଞ୍ଜାବ ରାଜ୍ୟ ବନାମ ସ୍ୱରଣ କୌର [ପଶାୟତ, ନ୍ୟାୟମୂର୍ତ୍ତି ]

ସି.ଡବ୍ଲ୍ୟୁ.ପି ସଂଖ୍ୟା 2899/2003 ରେ ସିଡବ୍ଲ୍ୟୁପି ସଂଖ୍ୟା 2899/2003 ରେ ଏବଂ ଆର୍ ଏ ସଂଖ୍ୟା 62/2005ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟ, ଚଣ୍ଡିଗଡ଼ର 27.4.2004 ଏବଂ 13.5.2005 ତାରିଖର ଅନ୍ତିମ ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ତରଫରୁ ଏଚ୍. ଏସ୍. ମୁଞ୍ଜ୍ରାଲ୍ ଏବଂ ଅରୁଣ କେ. ସିହ୍ନା ।

ଉତ୍ତରଦାତାମାନଙ୍କ ପାଇଁ ଆର୍. କେ. କପୁର, ଏମ୍. କେ. ବର୍ମା, ଗୋବିନ୍ଦ କୌଶିକ, ଏସ୍. ଏସ୍. ଯାଦବ ଏବଂ ଅନୀସ୍ ଅହମ୍ମଦ ବି. ଖାନ ।

ନ୍ୟାୟାଳୟର ରାୟ ପ୍ରଦାନ କରାଯାଇଥିଲା ।

**ଡ. ଅରିଜିତ ପଶାୟତ, ନ୍ୟାୟମୂର୍ତ୍ତି** 1. ଅନୁମତି ପ୍ରଦାନ କରାଗଲା ।

2. ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର ଏକ ଖଣ୍ଡପୀଠ ଦ୍ୱାରା ପାରିତ ଆଦେଶକୁ ଏହି ଅପିଲରେ ଆପତ୍ତି ହୋଇଛି । ସେଥି ମଧ୍ୟରୁ ଗୋଟିଏ ଆଜ୍ଞାଦେଶ ଅବେଦନରେ ପାରିତ ଆଦେଶ ସହିତ ଜଡ଼ିତ ଥିବାବେଳେ ଅନ୍ୟଟି ଏକ ସମୀକ୍ଷା ଆବେଦନରେ ପାରିତ ଆଦେଶ ସହିତ ଜଡ଼ିତ ।

3. ଉତ୍ତରଦାତାମାନଙ୍କ ଦ୍ୱାରା ଦାଖଲ ହୋଇଥିବା ଆଜ୍ଞାଦେଶ ଅବେଦନରେ ଉଠାଯାଇଥିବା ମୌଳିକ ପ୍ରଶ୍ନଟି ଥିଲା ଯେ ଉତ୍ତରଦାତାମାନେ ପଞ୍ଜାବ ଚତୁର୍ଥ ଶ୍ରେଣୀ ସେବା ନିୟମାବଳୀ 1963 (ସଂକ୍ଷେପରେ 'ନିୟମ')ଅନୁଯାୟୀ ପଦବୀ ପାଇଁ ଆବଶ୍ୟକ ଯୋଗ୍ୟତା ସେମାନଙ୍କ ପାଖରେ ନାହିଁ ବୋଲି କର୍ତ୍ତୃପକ୍ଷମାନଙ୍କ ମତ ଯଥାର୍ଥ କି ? ସମ୍ପୃକ୍ତ କର୍ମଚାରୀଙ୍କ ନିଯୁକ୍ତି ସମ୍ବନ୍ଧରେ କେତେକ ସର୍ତ୍ତରେ ପଞ୍ଜାବ ରାଜ୍ୟ ଚାନନ ଦେବୀ ମେମୋରିଆଲ ବାଳିକା ଉଚ୍ଚ ବିଦ୍ୟାଳୟ, ସଲିମ ତାବ୍ରି, ଲୁଧିଆନାକୁ ନିଜ ଅଧୀନକୁ ନେଇଥିଲେ । ଡିପିଆଇ, ପଞ୍ଜାବ ଚଣ୍ଡିଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଚିଠି ଲେଖି ସୁନିଶ୍ଚିତ କରିଛନ୍ତି ଯେ ସମସ୍ତ କର୍ମଚାରୀ ସମ୍ପୃକ୍ତ ପଦବୀରେ ନିଯୁକ୍ତି ପାଇଁ ଆବଶ୍ୟକ ଯୋଗ୍ୟତା ପୂରଣ କରିଛନ୍ତି । ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରା ପ୍ରକାଶିତ ମତକୁ ବ୍ୟତିକ୍ରମ କରି ଯେ ଏହି ଅପିଲରେ ଉତ୍ତରଦାତାମାନେ ଥିବା ଆଜ୍ଞାଦେଶ ଆବେଦନକାରୀଙ୍କ ଆବଶ୍ୟକ ଯୋଗ୍ୟତା ନଥିଲା । ଉକ୍ତ ମତ ଆଇନରେ ଗ୍ରହଣୀୟ ନୁହେଁ ବୋଲି ଦର୍ଶାଇ ଆଜ୍ଞାଦେଶ ଆବେଦନ କରାଯାଇଥିଲା । ଆଜ୍ଞାଦେଶ ଅବେଦନରେ ଉପସ୍ଥିତ ହୋଇଥିବା ବିଜ୍ଞ ଅତିରିକ୍ତ ମହାଧିବକ୍ତାଙ୍କ ଦ୍ୱାରା ଦିଆଯାଇଥିବା କୋହଳତା ଆଧାରରେ ଆଜ୍ଞାଦେଶ ଆବେଦନ ଅନୁମତି ଦିଆଯାଇଥିଲା । ପଞ୍ଜାବର ବିଜ୍ଞ ଅତିରିକ୍ତ ମହାଧିବକ୍ତା ନିର୍ଦ୍ଦିଷ୍ଟ ଭାବରେ ସ୍ୱୀକାର କରିଥିଲେ ଯେ ଆଜ୍ଞାଦେଶ ଆବେଦନକାରୀଙ୍କ ମାମଲାରେ ନିୟମାବଳୀ ଲାଗୁ ହୋଇନାହିଁ । ପରବର୍ତ୍ତୀ ସମୟରେ ଏକ ସମୀକ୍ଷା ଆବେଦନ ଦାଖଲ କରାଯାଇଥିଲା ଯେଉଁଥିରେ ଦର୍ଶାଯାଇଥିଲା ଯେ କୋହଳତା ଅନାବଶ୍ୟକ କାରଣ ଡିପିଆଇ, ପଞ୍ଜାବ ତାରିଖ 17.11.1995 ଜିଲ୍ଲା ଶିକ୍ଷା ଅଧିକାରୀ ଚଣ୍ଡିଗଡ଼ଙ୍କୁ ସମ୍ବୋଧିତ କରି ସ୍ପଷ୍ଟ ଭାବରେ ଚାକିରିରେ ଜାରି ରହିବା ପାଇଁ ସର୍ତ୍ତାବଳୀ ଧାର୍ଯ୍ୟ କରିଥିଲେ । ଉଚ୍ଚ ନ୍ୟାୟାଳୟ ଏହି

ଆଧାରରେ ସମୀକ୍ଷା ଆବେଦନକୁ ଖାରଜ କରିଦେଇଥିଲେ ଯେ ଉକ୍ତ ଚିଠିରେ କୌଣସି ନିର୍ଦ୍ଦେଶ ନାହିଁ ଯାହା ନିୟମାବଳୀର ପ୍ରୟୋଗକୁ ଦର୍ଶିତ କରିବ ।

4. ଅପିଲଗୁଡ଼ିକର ସମର୍ଥନରେ, ଅପିଲକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତା ଉପସ୍ଥାପନା କରିଥିଲେ ଯେ ଉଚ୍ଚ ନ୍ୟାୟାଳୟର ମତ ସ୍ପଷ୍ଟ ଭାବରେ ଗ୍ରହଣୀୟ ନୁହେଁ । ଉକ୍ତ ଚିଠିରେ ଡିପିଆଇ ସ୍ପଷ୍ଟ ଭାବେ ସର୍ତ୍ତ ରଖିଥିଲେ ଯେ ଗ୍ରହଣ କରାଯାଇଥିବା ଶିକ୍ଷାନୁଷ୍ଠାନର ସମସ୍ତ କର୍ମଚାରୀ ସମ୍ପୃକ୍ତ ପଦବୀରେ ନିଯୁକ୍ତି ପାଇଁ ଆବଶ୍ୟକ ଯୋଗ୍ୟତା ପୂରଣ କରୁଛନ୍ତି କି ନାହିଁ ତାହା ସୁନିଶ୍ଚିତ କରିବା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କର୍ତ୍ତବ୍ୟ । ନିୟମାବଳୀ ସମ୍ବନ୍ଧରେ ଏହା ସୂଚିତ କରାଯାଇଛି ଯେ କେତେକ ଶିକ୍ଷାଗତ ଯୋଗ୍ୟତା ନିର୍ଦ୍ଧାରିତ କରାଯାଇଛି ଯାହା ଉତ୍ତରଦାତାମାନଙ୍କ ପାଖରେ ନଥିଲା ।

5. ଉତ୍ତରରେ ଉତ୍ତରଦାତାମାନଙ୍କ ପାଇଁ ବିଜ୍ଞ ଅଧିବକ୍ତା ଉପସ୍ଥାପନା କରିଥିଲେ ଯେ ଏକ ଦଶନ୍ଧିରୁ ଅଧିକ ସମୟ ବିତିଗଲାଣି ଏବଂ ଉଚ୍ଚ ନ୍ୟାୟାଳୟର ଆଦେଶରେ ହସ୍ତକ୍ଷେପ କରିବା ଉଚିତ ହେବ ନାହିଁ ଯାହା ପ୍ରଥମେ କୋହଳତା ଉପରେ ଆଧାରିତ ଥିଲା ଏବଂ ପରବର୍ତ୍ତୀ ସମୟରେ ଏକ ସିଦ୍ଧାନ୍ତ ନଥିଭୁକ୍ତ ହୋଇଥିଲା ଯେ ଶିକ୍ଷାଗତ ଯୋଗ୍ୟତା ସମ୍ବନ୍ଧୀୟ 17.11.1995 ରେ କୌଣସି ନିର୍ଦ୍ଦେଶ ନଥିଲା ।

6. ଏହି ପରିସ୍ଥିତିରେ ନିୟମାବଳୀରେ ଥିବା ପ୍ରାସଙ୍ଗିକ ବ୍ୟବସ୍ଥା ଉପରେ ଟିପ୍ପଣୀ ଦେବା ଆବଶ୍ୟକ, ଯାହା ନିମ୍ନରେ ଦିଆଗଲା:

*"ନିୟମ 5*: କୌଣସି ବ୍ୟକ୍ତିଙ୍କୁ ସିଧାସଳଖ ନିଯୁକ୍ତି ଦ୍ୱାରା ସେବାରେ ନିଯୁକ୍ତି ଦିଆଯିବ ନାହିଁ ଯଦି ସେ -

(a) ଦୁଇ ଜଣ ଦାୟିତ୍ୱବାନ ବ୍ୟକ୍ତିଙ୍କ ଠାରୁ ଚରିତ୍ର ପ୍ରମାଣପତ୍ର ଉପସ୍ଥାପନ କରନ୍ତି, ଯେଉଁମାନେ ତାଙ୍କ ବ୍ୟକ୍ତିଗତ ଜୀବନରେ ତାଙ୍କ ସହିତ ଭଲ ଭାବରେ ପରିଚିତ ଥିବା ସମ୍ପର୍କୀୟ ନୁହଁନ୍ତି ।

(b) ନିଯୁକ୍ତି ତାରିଖରେ 16 ବର୍ଷରୁ କମ୍ ନୁହେଁ ଏବଂ 35 ବର୍ଷରୁ ଅଧିକ ନୁହେଁ;

(c) ଗୋଟିଏରୁ ଅଧିକ ପତ୍ନୀ ଜୀବିତ ନାହାନ୍ତି ଏବଂ ଜଣେ ମହିଳାଙ୍କ କ୍ଷେତ୍ରରେ, ପୂର୍ବରୁ ଜଣେ ଜୀବିତ ପତ୍ନୀ ଥିବା ବ୍ୟକ୍ତିଙ୍କୁ ବିବାହ କରିନାହାଁନ୍ତି:

ପରନ୍ତୁ ସରକାର ଯଦି ସନ୍ତୁଷ୍ଟ ହୁଅନ୍ତି ଯେ ଏପରି କରିବା ପାଇଁ ସ୍ୱତନ୍ତ୍ର କାରଣ ରହିଛି, ତେବେ କୌଣସି ବ୍ୟକ୍ତିଙ୍କୁ ଏହି ଖଣ୍ଡର କାର୍ଯ୍ୟକାରିତାରୁ ଛାଡ କରିପାରିବେ; ଏବଂ

(d) ସମୟ ସମୟକୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଆଞ୍ଚଳିକ ଭାଷା ଏବଂ ଇଂରାଜୀ ବିଷୟରେ ଆବଶ୍ୟକ ଜ୍ଞାନ ରଖିଥିବେ ।

ପରନ୍ତୁ, ନିଯୁକ୍ତି ପ୍ରଦାନକାରୀ କର୍ତ୍ତୃପକ୍ଷ, ଯଦି ଏହା ମତ ଦିଅନ୍ତି ଯାହା ଅନ୍ୟଥା ପ୍ରାର୍ଥୀ ସନ୍ତୋଷଜନକ ଭାବେ ନିଜର କର୍ତ୍ତବ୍ୟ ନିର୍ବାହ କରିବା ପାଇଁ ଯୋଗ୍ୟ, ତେବେ ଏହି ଖଣ୍ଡ ଅନୁଯାୟୀ ନିର୍ଦ୍ଧାରିତ ଯୋଗ୍ୟତା ମଧ୍ୟରୁ କୌଣସିଟିକୁ କୋହଳ କରିପାରିବେ । "

7. ସେହିପରି ଡିପିଆଇ ଚିଠିରେ ନିମ୍ନମତେ ସ୍ପଷ୍ଟ ଭାବେ ଦର୍ଶାଯାଇଥିଲା:

...... ସମ୍ପୃକ୍ତ ପଦବୀରେ ନିଯୁକ୍ତି ପାଇଁ ସମସ୍ତେ ଆବଶ୍ୟକ ଯୋଗ୍ୟତା ପୂରଣ କରିବାଟା ଦେଖିବା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କର୍ତ୍ତବ୍ୟ ।

୫. ଉପରୋକ୍ତ ନିୟମର ପ୍ରଭାବ ଏବଂ ଚିଠିରେ ଥିବା ସୂଚନାକୁ ଉଚ୍ଚ ନ୍ୟାୟାଳୟ ବିଚାର କରିନାହାନ୍ତି । ଏହି ପରିସ୍ଥିତିରେ, ଆମେ ଉଚ୍ଚ ନ୍ୟାୟାଳୟର ଆଦେଶକୁ ବାତିଲ କରୁଛୁ ଏବଂ ନୂତନ ବିଚାରକରିବା ପାଇଁ ମାମଲାଟିକୁ ପଠାଇଛୁ । ଆମେ ଏହା ସ୍ପଷ୍ଟ କରୁଛୁ ଯେ ଆମେ ଯୋଗ୍ୟତା ଉପରେ କୌଣସି ମତ ପ୍ରକାଶ କରିନାହୁଁ । ଯଥାଶୀଘ୍ର ସମ୍ଭବ ଆଜ୍ଞାଦେଶ ଆବେଦନ ଫଏସଲା କରିବାକୁ ଉଚ୍ଚ ନ୍ୟାୟାଳୟଙ୍କୁ ଅନୁରୋଧ କରାଯାଇଛି ।

୨. ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ବିନା ଉପରୋକ୍ତ ସୀମା ପର୍ଯ୍ୟନ୍ତ ଅପିଲଗୁଡ଼ିକୁ ଅନୁମତି ଦିଆଯାଇଛି ।

ଡି. ଜି. ଅପିଲକୁ ଅନୁମତି ଦିଆଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦକ ସୌମ୍ୟରଞ୍ଜନ ବେହେରା, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ।**